## ମଦ ଜବତ, ଜଣେ ଗିରଫ

**ବଇଣ୍ଡା,(ଡି.ଏନ.ଏ.):** ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ରବିବାର ରାଣିଭୂଇଁ ଗ୍ରାମରେ ଚଢାଉ କରାଯାଇ ବୃଷଭ ଦିଆଣିଙ୍କ ଘରୁ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଘରେ ଚୋରାରେ ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଲବୀର ଗଡନାୟକ ଚଢାଉ କରିଥିଲେ।

## ଆଜି କ'ଣ କେଉଁଠି

**ଅନୁଗୋଳ**

- ଆଞ୍ଚଳିକ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍, ସ୍ଥାନ- ଅନୁଗୋଳ ଜିଲା ଷ୍ଟାଡିୟମ, ସମୟ- ପୂର୍ବାହ୍ନ ୯ଟା ୩୦।
- କୁଇଓ ଯୁବ ମଙ୍ଗଳ କମିଟି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ- କୁଇଓ ତ୍ରିଶକ୍ତି ହାଇସ୍କୁଲ ପଡ଼ିଆ, ସମୟ- ଅପରାହ୍ନ ୨ଟା ୩୦।

## ସଂକ୍ଷେପରେ

### ଶିକାରୀଙ୍କୁ ଧରିପାରୁନି ବନ ବିଭାଗ

**ବଇଣ୍ଡା,୨୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ ବାଡ୍ରାଖୋଲ ଜଙ୍ଗଲରେ ଗତ ୧୬ ତାରିଖରେ ଶିକାରୀମାନେ ବିଛାଇଥିବା ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ୧୮ ତାରିଖରେ ହଣ୍ଡପା ବନ ବିଭାଗ ଉକ୍ତ ବାଘର ମୃତଦେହ ଜବତ କରିଥିଲା। ଇତିମଧ୍ୟରେ ୧୬ ଦିନ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଶିକାରୀମାନଙ୍କ ନିକଟରେ ପହଞ୍ଚିପାରିନି ବନ ବିଭାଗ। ଏହି ଘଟଣାରେ ଆଖପାଖ ଅଞ୍ଚଳର ୩ ଜଣ ଶିକାରୀଙ୍କ ସମ୍ପୃକ୍ତି ଥିବା ବନ ବିଭାଗ ତଦନ୍ତ ବେଳେ ଜାଣିବାକୁ ପାଇଛି। କିନ୍ତୁ ସେମାନଙ୍କୁ ଗିରଫ କରିବାରେ ବିଭାଗକୁ ସଫଳତା ମିଳିନାହିଁ। ରାତି ଅଧିଆ ଚଢ଼ାଉ କରାଯାଉଥିବାରୁ ବାଡ୍ରାଖୋଲ ଓ ଆଖପାଖ ଗ୍ରାମ ପୁରୁଷଶୂନ୍ୟ ହୋଇପଡିଛି। ଏ ସମ୍ପର୍କରେ ଆଠମଲ୍ଲିକ ଡିଏଫ୍ଓ ଏସ. ଆନନ୍ଦ କହିଛନ୍ତି, ବାଘ ମୃତ୍ୟୁ ଘଟଣାର ତଦନ୍ତ ଜାରିରହିଛି। ଖୁବ୍‌ଶୀଘ୍ର ଶିକାରୀମାନଙ୍କୁ ଗିରଫ କରାଯିବ।

### ଆଦର୍ଶ ବିଦ୍ୟାଳୟ ନିର୍ମାଣ ତଦାରଖ

**ବଇଣ୍ଡା,୨୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଠାକୁରଗଡ଼ ନିକଟସ୍ଥ କୃତିବାସପୁର ପଞ୍ଚାୟତ ବନମାଳୀପୁରଠାରେ କିଛି ଦିନ ହେବ କାର୍ଯ୍ୟ ଜାରି ରହିଛି। ରବିବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ୧୧ ଏକର ଜମିରେ ୬ କୋଟି ୭୬ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ଆଦର୍ଶ ବିଦ୍ୟାଳୟର କାମ କିପରି ଠିକ୍‌ଠାକ୍ ହେବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ସିଦ୍ଧେଶ୍ୱର ସାହୁ, ଶରତ ଚନ୍ଦ୍ର ସାହୁ, ଲମ୍ବୋଦର ପ୍ରଧାନଙ୍କ ସମେତ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### କଳମଛୁଇଁ ଚାମ୍ପିୟନ



**ପବିତ୍ରନଗର,୨୧(ଡି.ଏନ.ଏ.):** କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁରଠାରେ ଚାଲିଥିବା ମା' କନକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗଦାଶିଳା ଟିମ୍‌କୁ ହରାଇ କଳମଛୁଇଁ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଝୁନୁବାଲା ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ। ଆୟୋଜକ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

### ସ୍ୱାଧୀନ ସାଧାରଣ ସମ୍ପାଦକ

**ଅନୁଗୋଳ ଅଫିସ,୨୧:** ଓଡ଼ିଶା ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ଭାବେ



ଅନୁଗୋଳ ବନ୍ତଳା ଅଞ୍ଚଳର ସ୍ୱାଧୀନ ଦେହୁରୀଙ୍କୁ ମନୋନୀତ କରାଯାଇଛି। ଦଳ ପକ୍ଷରୁ ମିଳିଥିବା ଏହି ନୂଆ ଦାୟିତ୍ୱ ପାଇଁ ଓଡ଼ିଶା ଛାତ୍ର କଂଗ୍ରେସ ପ୍ରଭାରୀ ଅନୁଲେଖା ବୋଷ, ଓଡ଼ିଶା ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ସମେତ କଂଗ୍ରେସ ଦଳର ସମସ୍ତ ନେତୃବୃନ୍ଦଙ୍କୁ ସ୍ୱାଧୀନ କୃତଜ୍ଞତା ଜଣାଇଛନ୍ତି। ମିଳିଥିବା ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବାକୁ ଶତପ୍ରତିଶତ ଚେଷ୍ଟା କରିବେ ବୋଲି ସ୍ୱାଧୀନ ପ୍ରକାଶ କରିଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଛେଣ୍ଡିପଦା,୨୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମର ଆଦର୍ଶ ଶିକ୍ଷକ ଧନେଶ୍ୱର ପ୍ରଧାନ (୯୨)ଙ୍କ ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କ ବାସଭବନରେ ପରଲୋକ ହୋଇଛି। ସ୍ୱର୍ଗତ ପ୍ରଧାନ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମୀ ଆନନ୍ଦଚନ୍ଦ୍ର ପ୍ରଧାନଙ୍କ ପୁତ୍ର। ଅବସର ପରେ ଧନେଶ୍ୱର ସାମାଜିକ କାର୍ଯ୍ୟରେ ନିୟୋଜିତ ରହିଥିଲେ। ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ବିୟୋଗରେ ଛେଣ୍ଡିପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ସୁଶାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଅନୁଗୋଳ ଛୁଇଁଲା ଓମିକ୍ରନ

- ଚିହ୍ନଟ ୨ ସଂକ୍ରମିତ ଫେରିଥିଲେ ଦୁବାଇରୁ
- କରୋନା ଆକ୍ରାନ୍ତ ପରଠାରୁ ସଙ୍ଗରୋଧରେ
- ପରିବାରର ଅନ୍ୟ ୮ ଜଣଙ୍କ ରିପୋର୍ଟ ନେଗେଟିଭ୍



**ଅନୁଗୋଳ ଅଫିସ,୨୧**

ଅନୁଗୋଳ ଜିଲାରେ ପ୍ରବେଶ କରିସାରିଛି ମାରାତ୍ମକ କୋଭିଡ୍ ଭୂତାଣୁ ଓମିକ୍ରନ। ପୂର୍ବରୁ ଜିଲାରେ ଚିହ୍ନଟ ହୋଇଥିବା ୨ କରୋନା ଆକ୍ରାନ୍ତଙ୍କ ନମୁନା ଅଧିକ ପରୀକ୍ଷଣ ବେଳେ ସେମାନଙ୍କଠାରେ ଏହି ଓମିକ୍ରନ ପ୍ରଜାତିର ଭୂତାଣୁ ଥିବା ରବିବାର ଜଣାପଡ଼ିଛି। ଏହାକୁ ନେଇ ଜିଲାବାସୀଙ୍କ ଚିନ୍ତା ବଢ଼ିଯାଇଛି। କିଛିଦିନ ଧରି ଜିଲାରେ କୋଭିଡ୍ ସଂକ୍ରମଣ ସେତେଟା ଦେଖିବାକୁ ମିଳୁ ନ ଥିବାବେଳେ ହଠାତ୍ ଓମିକ୍ରନ ଚିହ୍ନଟ ହେବା ସ୍ଥିତି ବିଗାଡ଼ିଦେଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ଜିଲା ପ୍ରଶାସନର ସୂଚନା ଅନୁଯାୟୀ, ରବିବାର ଅନୁଗୋଳ ଜିଲାରୁ କେହି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଯେଉଁ ୨ ଜଣଙ୍କ ଦେହରେ ଓମିକ୍ରନ ପ୍ରଜାତି ଥିବା ଜଣାପଡ଼ିଛି, ସେମାନେ କିଛିଦିନ ତଳେ ଦୁବାଇରୁ ଫେରିଥିଲେ। ସଙ୍ଗରୋଧରେ ଥିବାବେଳେ ସେମାନଙ୍କ ନିକଟରେ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରଠାରୁ ଉଭୟଙ୍କ ଚିକିତ୍ସା ଜାରି ରହିଛି। ଅଧିକ ପରୀକ୍ଷା ପାଇଁ ସ୍ୱାବ୍ ନମୁନା ପଠାଯିବା ସହ କଣ୍ଟାକ୍ଟ ଟ୍ରେସିଂ କରାଯାଇଛି। ପରିବାରର ଅନ୍ୟ ୮ ଜଣଙ୍କ ସ୍ୱାବ୍ ରିପୋର୍ଟ ମଧ୍ୟ ନେଗେଟିଭ୍ ରହିଛି। ଆଗାମୀ ଦିନରେ ସ୍ଥିତିକୁ ଦେଖି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୫୧୬ ରହିଛି। ୩୯୮ ଜଣଙ୍କ ମୃତ୍ୟୁ ହୋଇସାରିଥିବାବେଳେ ୧୪ ଲକ୍ଷ ୨୧ ହଜାର ୮୨୫ ଜଣଙ୍କୁ ଟିକା ଦିଆସରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୨୪ କେନ୍ଦ୍ରରେ ଆଜିଠୁ ପିଲାଙ୍କୁ ଟିକା

ଅନୁଗୋଳ ଅଫିସ,୨୧- ୧୫ରୁ ୧୮ ବର୍ଷ ବୟସର ପିଲାଙ୍କ କୋଭିଡ୍ ଟିକାକରଣ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଟିକାକରଣକୁ ଶୃଙ୍ଖଳିତ ଭାବେ ପରିଚାଳନା ନିମନ୍ତେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଜିଲାରେ ମୋଟ୍ ୨୪ଟି କେନ୍ଦ୍ର ପ୍ରସ୍ତୁତ ହୋଇଥିବା ବେଳେ ସକାଳ ୮ରୁ ଅପରାହ୍ନ ୧ଟା ଯାଏ ଟିକା ଦିଆଯିବ। ପଞ୍ଜୀକରଣ କରି ନ ଥିବା ଛାତ୍ରୀଛାତ୍ରମାନେ ଆଧାରକାର୍ଡ କିମ୍ବା ସ୍କୁଲ ପରିଚୟପତ୍ର ଦେଖାଇ ଟିକା ନେଇପାରିବେ। ଅନୁଗୋଳ ପୌରପାଳିକା ଅଞ୍ଚଳର ଛାତ୍ରୀଛାତ୍ରମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ, ଅନୁଗୋଳ ବ୍ଲକ ପାଇଁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପୁରୁଣାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବଆଁରପାଳ ବ୍ଲକ ପାଇଁ ବଆଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବଳାରାମପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଛେଣ୍ଡିପଦା ବ୍ଲକ ପାଇଁ କୋଶଳା ଓ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜରପଡ଼ା ଓ ପାତ୍ରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପାଲଲହଡ଼ା ବ୍ଲକ ପାଇଁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରଜତଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ଚିକିତ୍ସାଳୟ, କିଶୋରନଗର ବ୍ଲକ ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆଠମଲ୍ଲିକ ବ୍ଲକ ପାଇଁ ଉପଖଣ୍ଡ ଚିକିତ୍ସାଳୟ, ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ତାଳଚେର ବ୍ଲକ ପାଇଁ ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ଚିକିତ୍ସାଳୟ, ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ତାଳଚେର ପୌରାଞ୍ଚଳ ପାଇଁ ଉପଖଣ୍ଡ ଚିକିତ୍ସାଳୟ, କଣିହାଁ ବ୍ଲକ ପାଇଁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଜ୍ରକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପବିତ୍ରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରକାଶ କରିଛନ୍ତି।

## ଓମ୍ ପ୍ରକାଶଙ୍କୁ ଅତିରିକ୍ତ ଦାୟିତ୍ୱ

**ତାଳଚେର,୨୧(ନି.ପ୍ର.)**



ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ସିଏମ୍‌ଡି ଭବେ ଅତିରିକ୍ତ ଦାୟିତ୍ୱ ନେଉଛନ୍ତି ଓମ୍ ପ୍ରକାଶ ସିଂହ।

ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ନିର୍ଦ୍ଦେଶକ (ବୈଷୟିକ/ସଞ୍ଚାଳନ) ଓମ୍ ପ୍ରକାଶ ସିଂହ ଶନିବାର କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ଭାବେ ଅତିରିକ୍ତ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମାଇନିଂ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିବା ସିଂହ ୧୯୮୪ ଅଗଷ୍ଟ ୯ରେ ବିଳାସପୁରସ୍ଥିତ ସାଉଥ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ ଲି. (ଏସ୍‌ଇସିଏଲ୍)ରୁ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୨୦୧୬ରେ ସେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ(ବୈଷୟିକ)ଭାବେ ଦାୟିତ୍ୱ ନେଇଥିଲେ। ସିଏମ୍‌ଡି ଭାବେ ଅତିରିକ୍ତ କାର୍ଯ୍ୟଭାର ଗ୍ରହଣ ପରେ ସିଂହ ଏମ୍‌ସିଏଲ୍ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକ କରିଥିଲେ। ଏଥିରେ ଯୁଗ୍ମ ପରାମର୍ଶଦାତା କମିଟି(ଜେସିସି) ଏବଂ କଲ୍ୟାଣ ବୋର୍ଡର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ସିଂହ କହିଥିଲେ, ୨୦୨୧ ମସିହା ଚେଷ୍ଟିତ ସମୟରେ ଏମ୍‌ସିଏଲ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ଏବଂ ଆଗାମୀ ବର୍ଷରେ ମଧ୍ୟ କୋଲ୍ ଇଣ୍ଡିଆର ପତାକା ବାହକ ଭାବେ ଉଦ୍ୟମ ଜାରି ରଖିବ। ଏଥିସହ କମ୍ପାନୀର ଶ୍ରମିକ, ଅଧିକାରୀ, ଟ୍ରେଡ୍ ୟୁନିୟନ ପ୍ରତିନିଧିମାନଙ୍କ ମଧ୍ୟରେ ଥିବା ସମନ୍ୱୟକୁ ସେ ପ୍ରଶଂସା କରିଥିଲେ। ଉତ୍ପାଦନ, ଡେସପାଚ୍ ଏବଂ ଓଭର ବର୍ଡନ ଅପସାରଣରେ ଏମ୍‌ସିଏଲ୍ ସମସ୍ତ ପାରାମିଟରରେ ଉତ୍କୃଷ୍ଟତା ଜାରି ରଖିବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମନ୍ୱୟ ବୈଠକରେ ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ।

## ୭୫ କୋଟି ସୂର୍ଯ୍ୟ ନମସ୍କାର ପାଇଁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ,୨୧**

ଅନୁଗୋଳ ପତଞ୍ଜଳି ଯୋଗ ସମିତିର ବାର୍ଷିକ ସାଧାରଣ ସଭା ଶରଧାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଯୋଗାଚାର୍ଯ୍ୟ ଅଭୟ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଯୋଗର ପ୍ରସାର ପ୍ରଚାର ତଥା ବିଭିନ୍ନ ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିସହିତ ପତଞ୍ଜଳି ଯୋଗ ସମିତି ତଥା ପତଞ୍ଜଳି ଆୟୁର୍ବେଦର ପ୍ରତିଷ୍ଠାତା ବାବା ରାମଦେବ କୋରନା ଭଳି ମହାମାରୀ ସହିତ ଲଢ଼ିବା ନିମନ୍ତେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦେଶରେ ୭୫ କୋଟି ଲୋକ ସୂର୍ଯ୍ୟ ନମସ୍କାର କରିବା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିବା ସମ୍ପର୍କରେ କୁହାଯାଇଥିଲା। ସମିତି ସମ୍ପାଦକ ସୁବୋଧ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏସ୍‌ପିର ଜନ ସମାବେଶ

**ବଆଁରପାଳ,୨୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଟାଉନ୍‌ହଲଠାରେ ଗତ ୨୮ ତାରିଖରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ବିଶାଳ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାନ ଦାସ, ହରିହର ଶତପଥୀ, କୁମୁଦ ଚନ୍ଦ୍ର ନାଏକ, ଶରତ ଚନ୍ଦ୍ର ନାଏକଙ୍କ ଆବାହକତ୍ୱରେ ୮ଟି ବ୍ଲକର ଶତାଧିକ କର୍ମୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଏସ୍‌ପି ରାଜ୍ୟ ସଭାପତି ଟଙ୍କଧର ବାଗ, ରାଜ୍ୟ କୋଅର୍ଡିନେଟର ଚମ୍ପାଲାଲ ଟୁଙ୍ଗୁରିଆ, ସୁଧୀର ନାୟକ, ଚଗଲା ବାଗ ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦନ ନାଏକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ସଭାପତି ଭାବେ ସତ୍ୟବାନ ଦାସ, ସମ୍ପାଦକ ହରିହର ଶତପଥୀ, ଉପସଭାପତି ନବକୃଷ୍ଣ ସାହୁ, ସାଙ୍ଗଠନିକ ସମ୍ପାଦକ ଭାବେ ଶରତ ଚନ୍ଦ୍ର ନାୟକଙ୍କୁ ନିଯୁକ୍ତ କରାଯାଇଥିଲା। ଶୈଳେନ୍ଦ୍ର ବେହେରା, ଅଧିକାରୀ ରାଉତ, ସନ୍ତୋଷ କୁମାର ପାଣ୍ଡେ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## 'ପାଠକ ସହିତ ବହିର ସମ୍ପର୍କ ସର୍ବଦା ରହିବ'




କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ମାଧପୁର,୨୧**

ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସୂଚନା କେନ୍ଦ୍ରଠାରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଆଭାସ କୁମାର କ୍ଷେତୀଙ୍କ ସଂଯୋଜନାରେ ଡିଜିଟାଲ ଯୁଗରେ ସାହିତ୍ୟ ଓ ସଂସ୍କୃତି ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନାଟ୍ୟକାର ଚିତ୍ତ ରଞ୍ଜନ ତ୍ରିପାଠୀ, ଅଧ୍ୟାପକ ବିବେକାନନ୍ଦ ବେହେରା, ଉଦିପ୍ତ ପୁରୋହିତ, ସଦାଶିବ ଦଳବେହେରା, ଦ୍ୱିଜୀବ ମିଶ୍ର ପ୍ରମୁଖ ଯୋଗଦେଇ ପାଠକ ସହିତ ବହିର ସମ୍ପର୍କ ସର୍ବଦା ରହିବ ବୋଲି କହିଥିଲେ। କବି ସଂଗ୍ରାମ ମିଶ୍ର, ଶାନ୍ତନୁ ମେହେର, ସର୍ବେଶ୍ୱର ଘିଓ୍ୱାଲା ପ୍ରମୁଖ କବିତା ପାଠ କରିଥିଲେ। ବିଭୂତି ଭୂଷଣ ରଥ, ମନ୍ମଥ ଭୁରଭୁରି, ବିକ୍ରମ ରଣଭଇଁସା, ସମାଇରା ମିଶ୍ର, କଳିଙ୍ଗ ବେହେରାମାଳି, ଭୁବନ ମୋହନ ତ୍ରିପାଠୀ, ପରମେଶ୍ୱର ପାତ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କୁନି ପ୍ରତିଭା କଣ୍ଠଶିଳ୍ପୀ ସମାଇରା ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା



**ସାତମାଇଲ,୨୧ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟର ମୁଖ୍ୟ କିରାଣି ଅକ୍ଷୟ କୁମାର ପୃଷ୍ଟିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଷ୍ଟାଫ୍ କାଉନସିଲ୍ ସମ୍ପାଦିକା ପ୍ରାଧାପିକା ଡ. ମାନସୀ କରଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ପୃଷ୍ଟିଙ୍କ କର୍ତ୍ତବ୍ୟ ନିଷ୍ଠା, ସେବା ଭାବ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଗୁରୁ ଚରଣ ରାଉତରାୟ ସଭା ସଂଯୋଜନା କରିଥିବାବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## କଲେଜରେ କବିତା ଆସର



**ବଇଣ୍ଡା,୨୧(ଡି.ଏନ.ଏ.)**

ସାହିତ୍ୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ କରିବ। ଶୁକ୍ରବାର କିଶୋରନଗର ଡିଗ୍ରୀ କଲେଜ ପରିସରରେ କିଶୋର ସାହିତ୍ୟ ସଂସଦ ଓ ଜାତୀୟ ସେବା ସଂସ୍ଥା ପକ୍ଷରୁ ଅନୁଷ୍ଠିତ କବିତା ଆସର ଏବଂ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କବି କିଶୋର ମିଶ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀ ସେନ ସାହୁ ଯୋଗଦେଇଥିଲେ। କବି ନିରଞ୍ଜନ ହୋତା, ବାସବ ପଲେଇ, ଆକାଶ ସାହୁ, ଗଦାଧର ନାୟକଙ୍କ ସହ ମହାବିଦ୍ୟାଳୟର ୧୦ ଜଣ ଅଂଶଗ୍ରହଣ କରି କବିତା ପାଠ କରିଥିଲେ। କବି କୁଳମଣି ମେହେର ସଂଯୋଜନା କରିଥିଲେ।

## କଥା ହେଉଥିବା ବେଳେ ମାଡ଼ିଗଲା କାର୍

### ଯୁବକ ମୃତ, ଅନ୍ୟ ଜଣେ ଗୁରୁତର

**ଭୁବନ, ୨୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ମୃଦଙ୍ଗା ପଞ୍ଚାୟତ କୁଣ୍ଡା ଛକରେ ରବିବାର ସନ୍ଧ୍ୟାରେ କାର୍ ଧକ୍କାରେ ମୃଦଙ୍ଗା ଗୋପାଳସାହିର ପ୍ରତାପ ପ୍ରଧାନ (୩୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ଗୁଡିଆ ସାହିର ସିଲୁ ସାହୁ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, କୁଣ୍ଡା ଛକରେ ପ୍ରତାପ, ସିଲୁଙ୍କ ସମେତ ଅନ୍ୟ ୪ଜଣ ଯୁବକ ଛିଡ଼ା ହୋଇ କଥା ହେଉଥିଲେ। ଏହି ସମୟରେ ମୃଦଙ୍ଗା ହାଟଛକ ପଟୁ ଉକ୍ତ କାର (ନଂ. ଓଡ଼ି ୦୨ ଭି ୫୯୫୧) ଦ୍ରୁତଗତିରେ ଆସି ସେମାନଙ୍କ ଉପରେ ମାଡ଼ିଯାଇଥିଲା। ପ୍ରତାପଙ୍କ ଗୋଡ଼ ଉପରେ ଗାଡ଼ି ଚଢ଼ିଯାଇଥିଲା। ସିଲୁ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ପ୍ରତାପ ଏବଂ ସିଲୁଙ୍କ ପ୍ରଥମେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟପନ୍ନ ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରତାପଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟପଟେ ଦୁର୍ଘଟଣା ପରେ ପୋଲିସ ବିଳମ୍ବରେ ପହଞ୍ଚିବା କାରଣରୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୁର୍ଘଟଣା ଘଟାଇ ଡ୍ରାଇଭର ଏବଂ ଗାଡ଼ି ମାଲିକ ଫେରାର ହୋଇଯାଇଛନ୍ତି। ପୋଲିସ କାର୍ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଛେଣ୍ଡିପଦା,୨୧(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ବରସାହି ପଞ୍ଚାୟତର ମନ୍ଦିର ଛକ ନିକଟରେ ରବିବାର ଡ୍ରାଇଭର ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି ଶ୍ରୀକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମହାସଂଘ କୋଷାଧ୍ୟକ୍ଷ ସୁବର୍ଣ୍ଣ ପରିଡା ଓ ସମ୍ମାନିତ ଅତିଥି ଭାବେ ଦୁର୍ଗାପୁର ମହାସଂଘ ଆବାହକ ଆର୍ତ୍ତତ୍ରାଣ ବେହେରା ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଭରତ ଗଡନାୟକ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, ଆବାହକ ଟୁକୁନା ମାଝି, ସତ୍ୟବାଦୀ ପୁଡ, ଲକ୍ଷ୍ମଣ ସାହୁ, ସୀତାରାମ ସାହୁ, ଅଜୟ ବେହେରା, ବିକ୍ରମ ବେହେରା, ତାପସ ମାଝି, ଦୀପକ ମହାପାତ୍ର, ରଣବସନ୍ତ ମାଝି, ସୁବାସ ନାଥ, କୁନାଲ ମାଝିଙ୍କ ସମେତ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ ମହାସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ।

## ଅଙ୍କୁଲା କପ୍ ଉଦ୍‌ଘାଟିତ

**ଅନୁଗୋଳ ଅଫିସ,୨୧**

ଅନୁଗୋଳ ଅଙ୍କୁଲା ରଗୁଡି ପଡିଆରେ ଚତୁର୍ଥ ପ୍ରତାପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହେଇଯାଇଛି। ଉଦ୍‌ଘାଟନୀ ମ୍ୟାଚ କାଣ୍ଡସର ଓ ବେଡା କ୍ରିକେଟ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। କାଣ୍ଡସର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୬୮ ରନ କରିଥିଲା। ଜବାବରେ ବେଡ଼ା କ୍ରିକେଟ କ୍ଲବ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ୨ୟ ମ୍ୟାଚ ଅଙ୍କୁଲା ଓ ସୁସୁଡ଼ା ମଧ୍ୟରେ ଖେଳାଯାଇଥିଲା। ଏଥିରେ ସୁସୁଡା ବିଜୟୀ ହେଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରଶ୍ମି ପ୍ରଧାନ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଚିତ୍ତ ରଞ୍ଜନ, ନିରଞ୍ଜନ, ବିଘ୍ନରାଜ, ବ୍ରଜ, ଜିନୁ, ସରୋଜ, ଅରୁଣ, ବିରୁ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଅବସରରେ ଅତିଥି ଓ ଖେଳାଳିମାନେ।

## ୮୨୫ ଦିବ୍ୟାଙ୍ଗଙ୍କୁ ମିଳିଲା ଶୀତବସ୍ତ୍ର

**କଣିହାଁ,୨୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁସ୍ଥିତ ଉତ୍କଳମଣି ଭିନ୍ନକ୍ଷମ କଲ୍ୟାଣ ସମିତି ତରଫରୁ ରବିବାର ୪୮ତମ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ସ୍କୁଲ ପରିସର ଓ ଗାନ୍ଧୀ ସ୍ମୃତି ପୀଠଠାରେ ପର୍ଯ୍ୟାୟକ୍ରମେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୮୨୫ ଜଣ ଦିବ୍ୟାଙ୍ଗଙ୍କୁ ଶତୀବସ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ବୁଦ୍ଧଦେବ ସାହୁ ଯୋଗଦେଇଥିଲେ। ସମ୍ପାଦକ କାଳନ୍ଦୀ ପ୍ରଧାନ ଆୟବ୍ୟୟ ସମୀକ୍ଷା କରିଥିଲେ। ସଭାପତି ସୁଧାକର ପ୍ରଧାନ ସଭା ପରିଚାଳନା କରିବା ସହ ୪୮ ବର୍ଷ ସେବାକର୍ମର ଅନୁଭବ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ନୃସିଂହ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଦିବ୍ୟାଙ୍ଗଙ୍କ ପାଇଁ ଭୋଜନ ବ୍ୟବସ୍ଥାରେ ଟାକୁଆ, କଣିହାଁ, ପଥରମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ। ଯେଉଁ ଦିବ୍ୟାଙ୍ଗମାନେ ଶୀତବସ୍ତ୍ର କାର୍ଯ୍ୟକ୍ରମରେ ଉପକୃତ ହୋଇପାରି ନାହାନ୍ତି, ସେମାନେ ମକର ସଂକ୍ରାନ୍ତି ଦିନ ତାଳଚେର ବ୍ଲକ କଳମଛୁଇଁଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇପାରିବେ ବୋଲି ସମିତି ପକ୍ଷରୁ କୁହାଯାଇଛି।



ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଦିବ୍ୟାଙ୍ଗମାନେ।

## ସଂକ୍ଷେପରେ

### ଉନ୍ନୟନମୂଳକ ପ୍ରକଳ୍ପ ଶିଳାନ୍ୟାସ

ଭୁବନ, ୨।୧(ଡି.ଏନ୍.ଏ.): ଭୁବନ ଏନ୍ଏସି ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟସାଇ ମନ୍ଦିର, ବିନାୟକ ଇଂଲିଶ ମିଡିୟମ ସ୍କୁଲ, ବାଉଁଶକଣ ଭାଗବତ ଟୁଙ୍ଗି, ମହିଳା କଲେଜରେ ପ୍ରସ୍ତାବିତ ୫୦ ଲକ୍ଷ ଟଙ୍କାର ପ୍ରକଳ୍ପର ରବିବାର ଶିଳାନ୍ୟାସ ହୋଇଛି। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍ପି ମହେଶ ସାହୁ ଉପସ୍ଥିତ ରହି ଏହିସବୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମ୍ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର କରାଯାଇଛି। ଏନ୍ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଏବଂ ଏମ୍ପି ଯୋଗଦେଇ ଜାଗା ମିଶନରେ ୫ ଏସ୍ଏଚ୍ଜିଙ୍କୁ କାର୍ଯ୍ୟାଦେଶ ଏବଂ ୪୧ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିସହ ସହରାଞ୍ଚଳରେ କୋଭିଡ୍ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଜେଡି ନେତ୍ରୀ ସାଗରିକା ସାହୁ, ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ସାମାଜିକ କର୍ମୀ ଅଜୟ ସେଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ, ଏନ୍ଏସି କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

### ଶିଶୁଗୃହରେ ନୃତ୍ୟନାଟିକା ପରିବେଷଣ

ଢେଙ୍କାନାଳ ଅଫିସ, ୨।୧: ଢେଙ୍କାନାଳ ସଦର ବ୍ଲକ ମହୁଲପଡ଼ାସ୍ଥିତ ବିଶ୍ୱକୁନ୍ତଳ ଶିଶୁଗୃହରେ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ନବବର୍ଷ ଆସର ପାଳିତ ହୋଇଯାଇଛି। ଉପସଭାପତି ଅଖିଳ ମହାପାତ୍ର, ସମ୍ପାଦିକା ପୁଷ୍ପାଞ୍ଜଳି ଜେନା, କାର୍ଯ୍ୟକାରିଣୀ ସଭ୍ୟ କ୍ଷେତ୍ରବାସୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପରିଷଦର ସଭ୍ୟ ଶଶିଭୂଷଣ ସାମଲ, ବିକାଶ ସାହୁ, ଯାଦୁକର ବିମଳ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲେ। ସର୍ବେଶ୍ୱର ମଲ୍ଲିକଙ୍କ ସଂଯୋଜନରେ ଅନ୍ତେବାସୀମାନେ 'ନାରୀର ବହୁରୂପ' ଶୀର୍ଷକ ନୃତ୍ୟନାଟିକା ପରିବେଷଣ କରିଥିଲେ। ସମସ୍ତଙ୍କୁ ପୋଡ଼ପିଠା ଏବଂ ମିଷ୍ଟାନ୍ନ ବଣ୍ଟାଯାଇଥିଲା। ଅନୁଷ୍ଠାନର ସଭାନେତ୍ରୀ ପ୍ରେମଲତା ଦାସଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଜଳ, ପରିମଳ ପ୍ରଶିକ୍ଷଣ

ଢେଙ୍କାନାଳ ଅଫିସ, ୨।୧: ଢେଙ୍କାନାଳ ସଦର ବ୍ଲକ ସୋଗରପଶି ପଞ୍ଚାୟତ ଅଧୀନ ପାରିଖେଦା ଏବଂ ରାଧାଦେଇପୁର ଗ୍ରାମରେ ଜଳ ଓ ପରିମଳ ସମ୍ପର୍କିତ ମାନବିକ ଅଧିକାର ଶିବିର ଉଦ୍‌ଯାପିତ ହୋଇଯାଇଛି। ଫ୍ରାନ୍ସ ଇଣ୍ଡିଆ, ଆଇଆଇୱାଇଡି ଓଡ଼ିଶା, ଇଓଆଇପି, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶୀର୍ବାଦ'ର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଜଳ ପ୍ରଦୂଷଣର କାରଣ, ନିରାକରଣ, ବର୍ଜ୍ୟବସ୍ତୁ ପରିଚାଳନାର ଆବଶ୍ୟକତା ଉପରେ ଛାତ୍ରୀଛାତ୍ର, ଗୋଷ୍ଠୀ ସଦସ୍ୟ, ଆଶା, ଅଙ୍ଗନୱାଡି କର୍ମୀ, ବୁଦ୍ଧିଜୀବୀଙ୍କୁ ତାଲିମ ଦିଆଯାଇଥିଲା। ଏଥିସହ ବ୍ଲକ ଓ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ଆଶୀର୍ବାଦ ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର, ଫ୍ରେଣ୍ଡସ୍‌ର ପ୍ରତାପ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ଢେଙ୍କାନାଳ ଅଫିସ, ୨।୧: 'ଆଜାଦୀ କି ଅମୃତ ମହୋତ୍ସବ' ଅବସରରେ ଅନୁଗୋଳ ଫୁଲପଡ଼ାସ୍ଥିତ ପାୱାର ଗ୍ରୀଡ୍ କର୍ପୋରେଶନ ଏବଂ ଢେଙ୍କାନାଳ ବଜରଙ୍ଗ କ୍ଲବ ପକ୍ଷରୁ ହିନ୍ଦୋଳ ବ୍ଲକ କଂସରା ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚେର ସିଟି ହସ୍ପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରରେ ୩୫୦ଜଣଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପାୱାର ଗ୍ରୀଡ୍ ବରିଷ୍ଠ ଉପ ମହାପ୍ରବନ୍ଧକ ଅଚ୍ୟୁତାନନ୍ଦ ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ଡା. ମହେଶ ପ୍ରସାଦ ରାଉତ, ଡା. ସୁବାସ ଚନ୍ଦ୍ର ପାତ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପାୱାର ଗ୍ରୀଡ୍‌ର ଦେବଦତ୍ତ ପାଢ଼ୀ, କୌଶିକ ପ୍ରସାଦ, ବିଶ୍ୱରଞ୍ଜନ ପୃଷ୍ଟି, ଅମର ଦାସ, ନିର୍ମଳ ସାହୁ, ଶଶିକାନ୍ତ ବର୍ମା, ସୁବ୍ରତ ନାଥ, ଜଗନ୍ନାଥ ଦେହୁରୀ, ରଞ୍ଜନ ଶତପଥୀ, ବଜରଙ୍ଗ କ୍ଲବ ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୋଗୀଙ୍କୁ ଛାଡ଼ି ପଳାଇଲେ

- ଅଟୋରିକ୍ସାକୁ ଧକ୍କାଦେଲା ୧୦୮ ଆମ୍ବୁଲାନ୍ସ
- ଡାକ୍ତରଖାନାରେ ଭର୍ତ୍ତି କଲେ ସ୍ଥାନୀୟ ବାସିନ୍ଦା



ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ୍.ଏ.), ୨।୧

ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ୧୦୮ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଅଟୋରିକ୍ସାକୁ ଧକ୍କା ଦେଲା। ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଗାଡ଼ିରେ ଛଟପଟ ହେଉଥିବା ରୋଗୀଙ୍କୁ ଛାଡ଼ି ଫେରାର ହୋଇଗଲେ ଆମ୍ବୁଲାନ୍ସ ଚାଳକ ଏବଂ ତାଙ୍କ ସହଯୋଗୀ। ଏଭଳି ସମୟରେ ଈଶ୍ୱରଙ୍କ ଦୂତ ଭାବେ ପହଞ୍ଚିଲେ ସ୍ଥାନୀୟ ବାସିନ୍ଦା। ପୋଲିସ ସହାୟତାରେ ସେମାନେ ରୋଗୀଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସ ଡକାଇ ଜିଲା ଚିକିତ୍ସାଳୟକୁ ପଠାଇଲେ। ରବିବାର ରାତି ପ୍ରାୟ ୮ଟାରେ ଏଭଳି ଘଟଣା ଘଟିଛି ଢେଙ୍କାନାଳ ସହର ଉପକଣ୍ଠ ରାମେଶ୍ୱରପୁର ନିକଟରେ।

ସୂଚନାଯୋଗ୍ୟ, ଭୁବନ ବଜାରରୁ କାମସାରି ବାଲିଝାଟି ଗ୍ରାମର ବିଶ୍ୱଜିତ୍ ନାୟକ (୨୯) ଏବଂ ଚିତ୍ତରଞ୍ଜନ ଭୂୟାଁ (୩୨) ବାଇକ୍‌ରେ ଘରକୁ ଫେରୁଥିଲେ। ୫୩ନଂ. ଜାତୀୟ ରାଜପଥର ଶ୍ୟାମଳ ଛକ ନିକଟରେ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାକୁ ଆଣିଥିଲେ। ଅଧିକ ଚିକିତ୍ସା ଲାଗି ବିଶ୍ୱଜିତ୍‌ଙ୍କୁ ୧୦୮ ଆମ୍ବୁଲାନ୍ସ (ନଂ. ଓଡ଼ି ୦୨ ବିଜେ ୫୯୩୫)ରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାମେଶ୍ୱରପୁର ନିକଟରେ ଆମ୍ବୁଲାନ୍ସ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ଏକ ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଏହି ସମୟରେ ରାସ୍ତାରେ ଆସୁଥିବା ଅନ୍ୟ ଜଣେ ସ୍କୁଟି ଆରୋହୀ ଆମ୍ବୁଲାନ୍ସରେ ପିଟି ହୋଇ ଗାଡ଼ିରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଆମ୍ବୁଲାନ୍ସ ଡ୍ରାଇଭର, ସହାୟକ ଏବଂ ଅଟୋରିକ୍ସା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରୋଗୀ ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରିଥିଲେ। ପୋଲିସ ସହାୟତାରେ ଅନ୍ୟ ଏକ ଆମ୍ବୁଲାନ୍ସରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଏବଂ ଅଟୋରିକ୍ସାକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଦୁର୍ଘଟଣା ପରେ ବିପଦସଙ୍କୁଳ ଅବସ୍ଥାରେ ରୋଗୀଙ୍କୁ ଛାଡ଼ି ଫେରାର ହୋଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଟାଏକୋଣ୍ଡୋରେ ୨୨ ପଦକ


ପଦକ ହାସଲ କରିଥିବା ପ୍ରତିଯୋଗୀମାନେ।

ଢେଙ୍କାନାଳ ଅଫିସ, ୨।୧

ଗଞ୍ଜାମ ଜିଲା ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଢେଙ୍କାନାଳ ଜିଲାର ପ୍ରତିଯୋଗୀ ଚମକିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ୨୧ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ୨୨ ପଦକ ହାସଲ କରିଛନ୍ତି। ତନ୍ମଧ୍ୟରେ ୮ ସ୍ୱର୍ଣ୍ଣ, ୭ ରୌପ୍ୟ ଏବଂ ୭ କାଂସ୍ୟ ପଦକ ରହିଛି। ବିଶ୍ୱଦର୍ଶିନୀ ବରାଳ, ଶୁଚିସ୍ମିତା ସାହୁ, ପି. ପଟ୍ଟନାୟକ, ଅର୍ପିତା ବେହେରା, ଜୀବନଜ୍ୟୋତି ନାୟକ, ପ୍ରିୟବ୍ରତ ବରାଳ, ପ୍ରୀତିଶ ନାୟକ, ସୌମିତ୍ୟ ମହାନ୍ତି ପ୍ରମୁଖ ସ୍ୱର୍ଣ୍ଣ ପଦକ ଜିତି ଜିଲାର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ପରେ ଜିଲାପାଳ ସରୋଜ ସେଠୀ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି, ମୁଖ୍ୟକୋଚ୍ ସୌମ୍ୟବ୍ରତ ସାହୁଙ୍କ ସମେତ କ୍ରୀଡ଼ାବିତ୍ ଓ ରେଫରିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗୁରୁଦେବଜୀ ଏକାଡେମୀ ଓ ଆମେଚର ଟାଏକୋଣ୍ଡୋକୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ସାଗର ସାହିତ୍ୟ ସଂସଦ ସାମ୍ବତ୍ସରିକ ଉତ୍ସବ

ଢେଙ୍କାନାଳ ଅଫିସ, ୨।୧

ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସାଗର ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ ସଭାପତି ଶ୍ରୀବତ୍ସ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ତ୍ରିଲୋଚନ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ମୁଖ୍ୟବକ୍ତା ଡ. ପ୍ରମୋଦ ଦାଶ, ସମ୍ମାନିତ ଅତିଥି ଇନ୍ଦିପୁର ବିକାଶ ପରିଷଦ ସଭାପତି ରଘୁନାଥ ସିଂ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ଅତିଥିମାନେ ସଂସଦର ମୁଖପତ୍ର 'ଇନ୍ଦୁପ୍ରଭାର' ଷଷ୍ଠ ସଂସ୍କରଣ ଉନ୍ମୋଚନ କରିଥିଲେ। ଆୟୋଜିତ କବିତା ପାଠୋତ୍ସବକୁ ସୁକାନ୍ତି ସାହୁ, କାଳୀଚରଣ ତ୍ରିପାଠୀ ସଂଯୋଜନା କରିଥିଲେ। ବଡ଼ଜେନା ସାହିତ୍ୟ ସଂସଦ ସଦସ୍ୟ ପ୍ରେମାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀବତ୍ସ ନାୟକଙ୍କୁ ହେମନ୍ତ କୁମାର ରଥଙ୍କ ସ୍ମୃତିରେ ଏବଂ କାଳୀଚରଣ ତ୍ରିପାଠୀଙ୍କୁ ବିବେକାନନ୍ଦ ସାହୁଙ୍କ ସ୍ମୃତିରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ସଂସଦର ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରଶଂସା ସାଉଁଟିଲେ ତିମିରସୁ


ତିମିରସୁଙ୍କ ନୃତ୍ୟ ପରିବେଷଣ।

ଢେଙ୍କାନାଳ ଅଫିସ, ୨।୧

ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ-୨୦୨୧ରେ ପ୍ରଶଂସା ସାଉଁଟିଛନ୍ତି ଢେଙ୍କାନାଳର ଓଡ଼ିଶୀ ନୃତ୍ୟଶିଳ୍ପୀ ତିମିରସୁ ପଟ୍ଟନାୟକ। ମହୋତ୍ସବ ଅବସରରେ ଏକକ ନୃତ୍ୟ ' ଓଁ ନମଃଶିବାୟ' ପରିବେଷଣ କରି ସେ କରତାଳି ସାଉଁଟିଥିଲେ। ଏହି ନୃତ୍ୟକୁ ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ ନୃତ୍ୟଶିଳ୍ପୀ ଡ. ସୁଜାତା ମିଶ୍ର।

ତିମିରସୁ ହେଉଛନ୍ତି ଢେଙ୍କାନାଳର ବରିଷ୍ଠ ନାଟ୍ୟକାର ସ୍ୱର୍ଗତ ବିପିନ ବିହାରୀ ପଟ୍ଟନାୟକଙ୍କ ତୃତୀୟ ପୁତ୍ର। ସେ ସ୍ଥାନୀୟ ଦେଉଳସାହିରେ ଥିବା ଶତରୂପା ଓଡ଼ିଶୀ ଗବେଷଣା କେନ୍ଦ୍ରରେ ନୃତ୍ୟଶିକ୍ଷା ଦେଉଛନ୍ତି। ୨୦୧୭ରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶୀ ନୃତ୍ୟରେ ଜୁନିୟର ଫେଲୋଶିପ୍ ପାଇବା ଲାଗି ସେ ମନୋନୀତ ହୋଇଥିଲେ। ସେହିପରି ଆଇଆଇସିଆର୍ ଦ୍ୱାରା ଚୟନ ହୋଇ ୨୦୧୮ରେ ନେପାଳରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିଲେ। ୨୦୧୮ରେ ଅଖିଳ ଭାରତୀୟ ଗନ୍ଧର୍ବ ମହାବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ଅଳଙ୍କାର ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ତିମିରସୁ ଟପ୍ପର ହୋଇଥିଲେ।

# ଗୁଣ୍ଡିଚାପଡ଼ାକୁ ହରାଇ ନରଣପୁର ଚାମ୍ପିୟନ


ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ଢେଙ୍କାନାଳ ଅଫିସ, ୨।୧

ଢେଙ୍କାନାଳ ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ନିରଞ୍ଜନ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଗୁଣ୍ଡିଚାପଡ଼ା ମା' ସାରଳା କ୍ଲବକୁ ୨-୧ ଗୋଲ୍‌ରେ ପରାସ୍ତ କରି ନରଣପୁର ଟିମ୍ ଚାମ୍ପିୟନ ହୋଇଛି। ପର୍ଶୁରାମ ମିଶ୍ର, ପ୍ରକାଶ ସ୍ୱାଇଁ, ସନ୍ତୋଷ ରାଉତ ରେଫରି ରହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ୮ ଦଳ ଭାଗ ନେଇଥିଲେ।

### ଦୁର୍ଗମାଞ୍ଚଳର ଅସମ୍ପୂର୍ଣ୍ଣ ପ୍ରକଳ୍ପ ଶେଷ କର

ଢେଙ୍କାନାଳ ଅଫିସ, ୨।୧

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ସରୋଜ ସେଠୀଙ୍କ ଅଧ୍ୟକ୍ଷତାରେ 'ମୋ ବ୍ଲକ-ମୋ ଢେଙ୍କାନାଳ' ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୪୮ ଦୁର୍ଗମ ଗ୍ରାମରେ ମୌଳିକ ସୁବିଧା ପହଞ୍ଚାଇବା ସହ ଅଗ୍ରାଧିକାର ଭିତ୍ତିରେ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମ ସାରିବାକୁ ଜିଲାପାଳ ସମ୍ପୃକ୍ତ ବ୍ଲକର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଙ୍କଡ଼ାହାଡ଼ ବ୍ଲକର ପୁଛିପାଳକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ। ଆଦିବାସୀ ପରିବାରକୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନର ବିକାଶ ଲାଗି ପ୍ରୋତ୍ସାହନ ଯୋଗାଇ ଦିଆଯିବ। ପ୍ରତି ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯିବ। ଜାନୁୟାରୀ ୨୩, ୨୪ ଓ ୨୫ରେ ୧ ଲକ୍ଷ ୧୧ହଜାର ୪୭ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ଆପତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଦର ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଉଦୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ୬୧ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ, ୨।୧

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ପକ୍ଷରୁ ପଙ୍କଜିନୀ ଶତପଥୀଙ୍କ ସ୍ମୃତିରେ ମହିଳାଙ୍କୁ ନେଇ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କ୍ଲବ ସଭାପତି ଅମରେନ୍ଦ୍ର ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ରକ୍ତଦାତା ମହାସଂଘ ସଭ୍ୟା ଦୀପ୍ତିମୟୀ ଲେଙ୍କା, ସାଗରିକା ମିଶ୍ର, ନିରୋଜ ନଳିନୀ ମହାଲିକ ପ୍ରମୁଖ ବହୁ ମହିଳା ଯୋଗଦେଇଥିଲେ। ରଶ୍ମିତା ମିଶ୍ର, ମୋନିକା ଶର୍ମା ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍ ସମ୍ପାଦକ ଶୁଭେନ୍ଦୁ ଷଡଙ୍ଗୀ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସମଲ୍, ଦେବାଶିଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆବର୍ଷରେ ବାଣ୍ଟିଲେ ଫୁଲକୁଣ୍ଡ




ଢେଙ୍କାନାଳ ଅଫିସ, ୨।୧

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଶନିବାର ନବବର୍ଷ ସମ୍ପର୍କ-୨୦୨୨ ପାଳିତ ହୋଇଯାଇଛି। ଫୋରମ୍‌ର କର୍ମକର୍ତ୍ତାମାନେ ରାଜନେତା, ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଜିଲାର ୬ ପ୍ରମୁଖ ସମସ୍ୟା ଦର୍ଶାଯାଇଥିବା କ୍ୟାଲେଣ୍ଡର ଏବଂ ଫୁଲକୁଣ୍ଡ ପ୍ରଦାନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ମହାପାତ୍ର, ଏମ୍ପି ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଯୋଗେନ୍ଦ୍ର ତ୍ରିପାଠୀ, ଯୁବରାଜ ଅମରଜ୍ୟୋତିସିଂଦେଓ, ଜିଲାପାଳ ସରୋଜ ସେଠୀ, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଏସ୍‌ପି ଏଲ୍. ଦିବ୍ୟା ଭି ପ୍ରମୁଖଙ୍କୁ ସାକ୍ଷାତ୍ କରି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଉପଦେଷ୍ଟା ଅକ୍ଷୟ ମହାନ୍ତି, ସଭାପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ର, ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭରତ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ଝିଟିଂରୁ ପଥରଶିଳ୍ପୀ ପଠାଇଥିଲେ ମୟୂରଭଞ୍ଜ ରାଜା

- କେରାଣ୍ଡିମାଳରୁ ପଥର ଆସିଥିଲା ଋଷିକୂଲ୍ୟା ନଦୀପଥରେ
- ବଡ଼ମ୍ବା-ନରସିଂହପୁରରୁ ଆସିଥିଲା ୧୮ହାତିଆ ପଥର

ଡ. ସୁରେନ୍ଦ୍ର କୁମାର ମିଶ୍ର


ବିଶ୍ୱନାଥ ମୁଣ୍ଡିଆ ଏବଂ ଏହାର ନିକଟରେ ଏବେ ସ୍ଥାପିତ ମନ୍ଦିର।
(ଫଟୋ: ରଶ୍ମିରଞ୍ଜନ ପ୍ରଧାନ, ଡେଲାଙ୍ଗ)




ଗତ ସଂଖ୍ୟାରେ ଆମେ ପାଞ୍ଚଟି ସ୍ଥାନରୁ ପଥର ଆସିବା କଥା ପୋଥି ଆଧାରରେ ଆଲୋଚନା କରିଥିଲେ। ପଥର ଆସି କୋଣାର୍କଠାରେ ପହଞ୍ଚିବା ପର୍ଯ୍ୟନ୍ତ କିପରି ୫ ପ୍ରକାର ଗୋଷ୍ଠୀ ପ୍ରବଳ ପରିଶ୍ରମ କରି କାର୍ଯ୍ୟକୁ ସଫଳ କରନ୍ତି ତାହା ଜାଣିଲେ। ଏମାନେ ସମସ୍ତେ ପାଉଣା ତ ନେଉଥିଲେ, କିନ୍ତୁ ଯେଉଁ ନିଷ୍ଠାରେ ଗୋଟାଏ ଜାତିର ଗୌରବମୟ ଐତିହ୍ୟକୁ ସାକାର କରିବା ପାଇଁ ଦୃଢ଼ ନିଶ୍ଚୟ ଥିଲେ ତାହା ଶିକ୍ଷା କରିବା କଥା। ଯେଉଁଠାରୁ ପଥର ସବୁ ଆସୁଥିଲା ତଥା ଯେଉଁମାନେ ଜଳପଥରେ ଆଣୁଥିଲେ ସେମାନଙ୍କ ବିଷୟରେ ଆଲୋଚନା କରିବାର ଉଦ୍ଦେଶ୍ୟ ଏମାନେ କେହି ବି ବାହାରିଆ ଲୋକ ନ ଥିଲେ, ଆମ ମନ୍ଦିର ନିର୍ମାଣ ଓ ପ୍ରସ୍ତୁତିକୁ ଯେଉଁମାନେ ଟାହି ଟାପରା କରି ଲେଖିଥିଲେ ଏବଂ ଏକ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ ଯେ ଓଡ଼ିଆମାନେ ପଦ୍ମତୋଳା ଗଣ୍ଡରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରି ନ ଥିଲେ, ସେଇ ଧାରଣାକୁ ନିରାଧାର କରିବାର ପ୍ରୟାସ।

ଓଡ଼ିଶାର ସବୁବର୍ଗର ଲୋକଙ୍କୁ ଗଜପତି ଏକାଠି କରିବାକୁ ପଦକ୍ଷେପ ନେଇଥିଲେ। ନଇଲେ ଭଞ୍ଜକୁଳର ଚନ୍ଦ୍ରମା ମୟୂରଭଞ୍ଜର ରାଜା ଶ୍ରୀଚକ୍ରଧର ଭଞ୍ଜ ୧୦୦ ଝିଟିଂ ପଥର ପଠାଇଥାନ୍ତେ କାହିଁକି! ଏହି ପଥର ମହାନଦୀ ଜଳପଥ ଦେଇ କୋଣାର୍କରେ ପହଞ୍ଚିଥିଲା। ଶହେ ପଥର ସହିତ ସେ ଶହେ ଝିଟିଂର ଶିଳ୍ପୀ ମଧ୍ୟ ପଠାଇଥିଲେ। ଚାପବାହାକଙ୍କୁ ସମ୍ମାନର ସହ ଏକଯୋଡ଼ା ଲେଖାଏଁ ଧୋତି ଦିଆଯାଇଥିଲା କୋଣାଦିତ୍ୟ ଭଣ୍ଡାରରୁ।

ସେ ସମୟରେ ପର୍ଯ୍ୟଙ୍ଗ ଅଞ୍ଚଳ କହିଲେ ମହାନଦୀଠାରୁ ଡେଲାଙ୍ଗ ଅଞ୍ଚଳ ଦେଇ ଚିଲିକା ପର୍ଯ୍ୟନ୍ତ ବୁଝାଯାଉଥିଲା। ଅଞ୍ଚଳର ନାୟକଙ୍କୁ 'ପର୍ଯ୍ୟଙ୍ଗ ନାୟକ' କୁହାଯାଉଥିଲା। ସେ ଜଗଦଳ ପାହାଡ଼ରୁ ପଠାଇଲେ ୬୦ ହଜାର ୩୮୨ ଖଣ୍ଡ ପଥର, ଦୁଇଜଣ ବୋହିପାରୁଥିବା ପଥରଖଣ୍ଡ। ଆମେ ଜଗଦଳପାହାଡ଼ ଅନୁସନ୍ଧାନରେ ଯାଇଥିଲୁ। ଏହି ପଥର ନିଶ୍ଚିତ ଦୟାନଦୀ ଜଳପଥରେ ଆସିଥିବ ଆମର ବିଶ୍ୱାସ ହେଲା। ବିରାଟ ପାହାଡ଼ ଥିଲା। ଚାରିପଟୁ ପଥରକଟା ଆଜି ବି ଚାଲିଛି। ପାହାଡ଼ର ଉତ୍ତର-ପଶ୍ଚିମ କୋଣ ଦେଇ ଦୟାନଦୀ ପ୍ରବାହିତ। କୋଣାର୍କକୁ ପଥର ଆସିବାରେ ଏହା ଥିଲା ସପ୍ତମ ସ୍ଥାନ।

ନରସିଂହଦେବଙ୍କ ୭ମ ଅଙ୍କରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ୯ମ ଅଙ୍କରେ କେରାଣ୍ଡିମାଳରୁ ପଥର ଆସିଲା ଋଷିକୂଲ୍ୟା ନଦୀପଥରେ। ସାତଶହ ପଥର ଚାପ ଏବଂ ନୌକାରେ ଆସିଥିଲା କୋଣାର୍କକୁ।

ଜଗଦଳପାହାଡ଼ ଏବେ ବିଶ୍ୱନାଥ ପାହାଡ଼ ଭାବରେ ପରିଚିତ ହେଉଛି। ହାରାହାରି ଆଠଶହ ବର୍ଷ ମଧ୍ୟରେ ପାହାଡ଼କୁ ଏକ ମୁଣ୍ଡିଆ ସ୍ତରକୁ ଆମେ ଆଣି ପହଞ୍ଚେଇ ଦେଇଛେ। ପାହାଡ଼ ତଳେ ଥିବା ଗାଁର ନାମ ଏବେ ବି ଜଗଦଳପୁର ଅଛି। ବିଶ୍ୱନାଥ ପାହାଡ଼ରୁ ପୁଣି ଥରେ ୭୦ଟି ଆବୁଡ଼ାଖାବୁଡ଼ା ପଥର ଆସିଥିଲା। ପୋଥିରେ ସ୍ପଷ୍ଟ ଲେଖାଯାଇଛି- ଦୟାନଦୀରେ ଚାପ ଥିଲା। ଚାପ ଦଳେଇ ସେଗୁଡ଼ିକୁ ଚାପରେ ଲଦି ମହାନଦୀକୁ ଆଣିବା ପରେ କୋଣାର୍କ ଅଭିମୁଖେ ଆସିଥିଲା।

ମହାନଦୀରୁ ପଥରବୋଝେଇ ଚାପ ସୋଲ ନଦୀ ଗଣ୍ଡରେ ପହଞ୍ଚିଥିଲା। ସେଇ ଗଣ୍ଡରୁ ଏକ ଉଦିପୁର ଦଣ୍ଡା (କେନାଲ) କୋଣାର୍କ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିଲା। କେନାଲ ଦେଇ ପଥର ପହଞ୍ଚିବା ପରେ ଶଗଡ଼ିଆ ବୋହି ଆଣିଥିଲେ ପଥରଖଳାକୁ।

ପଥର ଆଣିବା ପାଇଁ ନରସିଂହପୁର ଗଡ଼କୁ (ବଡ଼ମ୍ବା-ନରସିଂହପୁର) ଯାଇଥିଲେ ମୁକୁନ୍ଦ ମହାପାତ୍ର ଓ ରାଧୁ ପଥୁରିଆ। ନରସିଂହପୁର ବଣଜଙ୍ଗଲ ଘେରା ଖଣିରୁ ପଥର ପଠାଇବା ପାଇଁ ସେଠାକାର ପଥରକଟୁଆଳଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିଲା। ବଡ଼ମ୍ବା-ନରସିଂହପୁରର ବାଣେଶ୍ୱର ନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବଡ଼ ବଡ଼ ପଥର ଆସିଥିଲା। ବଡ଼ ପଥର କାଟିବା ପାଇଁ ସ୍ୱତନ୍ତ୍ର ସୁନାମାଢ଼ ମଧ୍ୟ ଖର୍ଚ୍ଚ ହୋଇଥିଲା।

ପଥର ଆସିଲାବେଳେ ଅଘଟଣ ବି ଘଟିଛି। ଅଠରହାତ ଲମ୍ବା ବଡ଼ ବଡ଼ ପଥର ସିଦ୍ଧିଦୁର୍ଗା ପାହାଡ଼ରୁ କଟାଯାଇ ଚାପରେ ଅଣାଯିବା ସମୟରେ ବାତ୍ୟା ଆରମ୍ଭ ହୋଇଯାଇଥିଲା। ଚାପଟି ନଦୀରୁ ବାହାରି କୋଣାର୍କକୁ ଲମ୍ବିଥିବା କେନାଲରେ ପହଞ୍ଚିଯିବା ପରେ ଚାପ ବୁଡ଼ିଗଲା। ବୁଡ଼ାଳିମାନେ ପଥରରେ ଦଉଡ଼ି ବାନ୍ଧି ତିନୋଟି ହାତୀ ଦ୍ୱାରା ପଥରକୁ ଉପରକୁ ଉଠେଇଥିଲେ। ଗୋଟିଏ ଗୋଟିଏ ପଥରକୁ ଉଠେଇବା ଅତ୍ୟନ୍ତ କଷ୍ଟକର ଥିଲା। ତେଣୁ ଦଶ ଦିନ ଲାଗିଗଲା ସବୁ ପଥର କୂଳରେ ଲାଗିବାକୁ। ପାଣିରେ ପହଁରି ପହଁରି ଯାଇ ପାଣି ଭିତରକୁ ବୁଡ଼ି ପଥର ଚାରିପଟେ ଚଉକସ କରି ଦଉଡ଼ି ବାନ୍ଧିବା ସହଜ କଥା ନୁହେଁ। ଅସମ୍ଭବ ଲାଗୁଥିବା ଏହି କାର୍ଯ୍ୟକୁ ଯିଏ ସାହସର ସହିତ ତୁଲାଇଥିଲେ ସେ ଥିଲେ ଜଗୁନି ପଥୁରିଆ। ଧନ୍ୟ କହିବା ତାଙ୍କୁ।

